ଶନିବାର ,୪ ଡିସେମ୍ବର, ୨୦୨୧

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

**(ବାପା ଓ ପୁଅ ମଧ୍ୟରେ କଥାବାର୍ତ୍ତା)**

ବାପା: ଆରେ ପରୀକ୍ଷାରେ ଏତେ କମ୍ ମାର୍କ କ'ଣ ଆଣିଚୁ ?
ପୁଅ: ଅନୁପସ୍ଥିତ କାରଣରୁ।
ବାପା: କ'ଣ ହେଲା ? ତୁ କ'ଣ ସ୍କୁଲ୍ ଯାଉ ନ ଥିଲୁ ନା ପରୀକ୍ଷା ଦିନ ଅନୁପସ୍ଥିତ ଥିଲୁ।
ପୁଅ: ନା ମ' ବାପା ! ପରୀକ୍ଷା ଦିନ ମୁଁ ଯାଇଥିଲି। ହେଲେ, ମୋ ଆଗରେ ଯେଉଁ ଭଲ ପିଲାଟା ବସେ, ସିଏ ଆସି ନ ଥିଲା। ସେଥିପାଇଁ ମୋ ମାର୍କ ଏତେ କମିଗଲା।

**(ଶିକ୍ଷକ ଓ ଛାତ୍ର ମଧ୍ୟରେ କଥାବାର୍ତ୍ତା...)**

ଶିକ୍ଷକ: ପିଲାମାନେ ଏମିତି ଏକ ଜୀବର ଉଦାହରଣ ଦିଅ, ଯିଏକି ଉଭୟ ଜଳ ଓ ସ୍ଥଳରେ ରହୁଥିବ।
ଛାତ୍ର: ସାର୍, ବେଙ୍ଗ।
ଶିକ୍ଷକ: ଠିକ୍ ଅଛି। ଏହିପରି ଆଉ ୪ଟି ଜୀବର ଉଦାହରଣ ଦେଲ ?
ଛାତ୍ର: ବେଙ୍ଗର ମା', ବେଙ୍ଗର ବାପା ଓ ବେଙ୍ଗର ଦୁଇ ଭାଇ।

**(ପୁଅ ଡେରିରେ ଘରକୁ ଫେରିଲା ପରେ...)**

ମା': ଆଜି ଘରକୁ ଫେରିବାରେ ଏତେ ଡେରି ହେଲା କ'ଣ ପାଇଁ ?
ପୁଅ: ମା' ! ଆଜି ଟିକେ ସାଙ୍ଗମାନଙ୍କ ସହ ଫିଲ୍ମ ଦେଖିବାକୁ ଯାଇଥିଲି।
ମା': ଆଚ୍ଛା, କୋଉ ଫିଲ୍ମ ଦେଖିଲୁ।
ପୁଅ: ''ମା'ର ମମତା'' ।
ମା': ହଉ ଯା। ଛାତ ଉପରେ ଆଉ ଗୋଟିଏ ନୂଆ ଫିଲ୍ମ ଲାଗିଚି, ଦେଖିକି ଆସିବୁ।
ପୁଅ: କୋଉ ଫିଲ୍ମ ମା' ?
ମା': ବାପାଙ୍କ ରାଗ।

# ଚାରି ରତ୍ନ

**ଗପ**



ଜଣେ ବୃଦ୍ଧ ସନ୍ଥ ନିଜର ଅନ୍ତିମ ସମୟ ଆସିବାର ଜାଣିପାରିଲେ, ଆଉ ତାଙ୍କ ପୁତ୍ରମାନଙ୍କୁ ଡାକି କହିଲେ, ମୁଁ ତୁମମାନଙ୍କୁ ଚାରିଟା ଦାମୀ ରତ୍ନ ଦେଇକି ଯାଉଛି। ମୋର ପୂରା ବିଶ୍ୱାସ ଅଛି ଯଦି ତୁମେମାନେ ଏହି ଚାରି ରତ୍ନକୁ ସମ୍ଭାଳିକରି ରଖିବ ତା'ହେଲେ ସାରା ଜୀବନ ଏମାନଙ୍କ ସହାୟତାରେ ନିଜର ଜୀବନ ଆନନ୍ଦମୟ ଆଉ ଶ୍ରେଷ୍ଠ ବନେଇ ପାରିବ।

ପ୍ରଥମ ରତ୍ନ ହେଲା–କ୍ଷମା। ଯିଏ ଯାହା କହୁ ଆମେ ତା'ର କଥାକୁ ନିଜ ମନରେ ବସେଇବାନି ଆଉ ତା' ପାଇଁ କେବେ କୌଣସି ପ୍ରକାର ପ୍ରତିକାରର ଭାବନା ମନରେ ରଖିବା। ଆଉ ତାକୁ କ୍ଷମା କରିଦେବା।


ଦ୍ୱିତୀୟ ରତ୍ନ ହେଲା– ଭୁଲିଯିବା। ନିଜ ଦ୍ୱାରା ଅନ୍ୟଙ୍କ ପାଇଁ କରିଥିବା ସାହାଯ୍ୟକୁ ଭୁଲିଯାଅ। କେବେ ସେ ଉପକାରର ପ୍ରତିଲାଭ ମିଳିବାର ଆଶା ନିଜ ମନରେ ରଖିବନି। ତୃତୀୟ ରତ୍ନ ହେଲା–ବିଶ୍ୱାସ। ନିଜର ପରିଶ୍ରମ ତଥା ସେହି ପରମପିତା ପରମାତ୍ମାଙ୍କ ଉପରେ ପୂରା ବିଶ୍ୱାସ ରଖିବା ଦରକାର। କାହିଁକିନା ଆମେ କିଛି କରିପାରିବାନି, ଯେପର୍ଯ୍ୟନ୍ତ ସୃଷ୍ଟିର ନିୟନ୍ତାଙ୍କ ବିଧାନରେ ଲେଖା ହୋଇ ନ ଥିବ। ପରମପିତା ପରମାତ୍ମାଙ୍କ ଉପରେ ରଖିଥିବା ବିଶ୍ୱାସ ହିଁ ଆମକୁ ଜୀବନରେ ସବୁ ସଙ୍କଟରୁ ରକ୍ଷା କରିପାରିବ ଆଉ ସଫଳତା ମଧ୍ୟ ଦେବ। ଚତୁର୍ଥ ରତ୍ନ ହେଲା– ବୈରାଗ୍ୟ। ସବୁବେଳେ ଏହା ମନେ ରଖିବ ଆମେ ଜନ୍ମ ନେଇଛେ ଆଉ ଆମକୁ ଦିନେ ମରିବାକୁ ପଡ଼ିବ। ସେଥିଲାଗି କାହାପାଇଁ ନିଜ ମନରେ ଲୋଭ–ମୋହ ରଖିବନି।

**–ମନୋଜ କୁମାର ବେହେରା**
ୟୁନିଟ୍–୯, ବାୟାବାବା ମଠ ଲେନ୍,
ଭୁବନେଶ୍ୱର,
ମୋ : ୭୯୭୮୮୩୦୬୧୧

## ମତାମତ

- ❖ ଗତ ସପ୍ତାହର ଗପଟି ମନଛୁଆଁ ହୋଇଥିଲା।
  **– ମନୀଷା ସାମଲ, କାଶୀପୁର,କେନ୍ଦୁଝର**
- ❖ 'ଗିନିଜ୍ ୱାଲ୍ଡ ରେକର୍ଡ଼' ସ୍ତମ୍ଭରୁ ବିଭିନ୍ନ ନୂତନ କଥା ଜାଣିବାକୁ ପାଉଛୁ।
  **– ବିବେକ ପାଣି, ଉକ୍ରେଲା, କଳାହାଣ୍ଡି**
- ❖ ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ପାଇଁ ଶିକ୍ଷଣୀୟ ହେଉଛି।
  **– ରାଜେଶ ସ୍ୱାଇଁ, କଳାପଥର, କଟକ**
- ❖ 'ତୁମ ତୂଳୀ'ରୁ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ମନକୁ ଛୁଇଁ ପାରୁଛି।
  **– ପ୍ରିୟା ଦାସ, ରସୁଲଗଡ଼, ଭୁବନେଶ୍ୱର**
- ❖ 'କହିଲ ଦେଖି' ସ୍ତମ୍ଭଟିରୁ କେତେ ନୂଆ କଥା ଜାଣି ହେଉଛି।
  **– ବିପାଶା ସାହୁ, ବାସନ୍ତୀ କଲୋନୀ,ରାଉରକେଲା**

## ବିନ୍ଦୁ ଯୋଡ଼



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା ବିଶେଷ କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ।

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ





ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଦୂରବୀକ୍ଷଣରେ ସନ୍ଧ୍ୟା ଆକାଶର ଦୃଶ୍ୟ

ନିକୁଞ୍ଜ ବିହାରୀ ସାହୁ

''ଏବେ ସନ୍ଧ୍ୟା ଆକାଶରେ ତିନୋଟି ଉଜ୍ଜ୍ୱଳ ଗ୍ରହ ଖାଲି ଆଖିକୁ ଦୃଶ୍ୟ ହେଉଛନ୍ତି। ଦୂରବୀକ୍ଷଣ ଯନ୍ତ୍ରରେ ସେଗୁଡ଼ିକର ଦର୍ଶନ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ଏକ ଅଭୁଲା ଅନୁଭୂତି। ସେ ତିନୋଟି ଗ୍ରହ ହେଲେ ଶୁକ୍ର, ବୃହସ୍ପତି ଓ ଶନି।''



## ଦୂର ଆକାଶର ଦୀପ : ଶୁକ୍ର

ଶୁକ୍ର ଆମ ସନ୍ଧ୍ୟାକାଶର ସବୁଠାରୁ ଉଜ୍ଜ୍ୱଳ ଜ୍ୟୋତିଷ୍କ। ଏହାକୁ ସାଧାରଣତଃ 'ସନ୍ଧ୍ୟାତାରା' ବୋଲି କୁହାଯାଏ। କେବେ କେବେ ଏହା ପୁଣି ଭୋର ଆକାଶରେ ମୁହଁ ଦେଖାଉଥିବାରୁ ଏହାକୁ ମଧ 'କୁଆଁତାରା' ବୋଲି କହିଥାନ୍ତି। ମାତ୍ର ଏହା ପ୍ରକୃତରେ ଏକ ତାରା ନୁହେଁ, ଗ୍ରହ। ଏହାର ଘନ ଅଙ୍ଗାରକାମ୍ଳ ଗ୍ୟାସ୍‌ଯୁକ୍ତ ବାୟୁମଣ୍ଡଳ ସୂର୍ଯ୍ୟାଲୋକକୁ ଭଲ ପ୍ରତିଫଳନ କରୁଥିବାରୁ ଏହା ଅତିଶୟ ତେଜୋଦୀପ୍ତ ଜଣାପଡ଼େ। ମାତ୍ର ଦୂରବୀକ୍ଷଣରେ ଦେଖିଲେ ଏହା ଗୋଲାକାର ପରିବର୍ତ୍ତେ ଚନ୍ଦ୍ର ଭଳି ବକ୍ରାକୃତି ସଦୃଶ ଦେଖାଯାଏ। ଗ୍ରହଟିର ଏପରି ପରିବର୍ତ୍ତନଶୀଳ ଅବସ୍ଥାକୁ 'ଶୁକ୍ରକଳା' କହନ୍ତି। ଦୂରବୀକ୍ଷଣର ଦୃଶ୍ୟରେ ଏହା କେତେବେଳେ ଦାଆ କିମ୍ବା ବଙ୍କୁଲିବାଡି ସଦୃଶ ତ ଆଉ କେତେବେଳେ ଅଧା ଏବଂ ଅର୍ଦ୍ଧାଧିକ ଅବସ୍ଥାରେ ଦେଖିବାକୁ ମିଳେ।

## ଗ୍ୟାସୀୟ ଦାନବ : ବୃହସ୍ପତି

ସୌରଜଗତର ବୃହତ୍ତମ ଗ୍ରହ ବୃହସ୍ପତି ସମ୍ପୂର୍ଣ୍ଣ ହାଇଡ୍ରୋଜେନ୍ ଗ୍ୟାସ୍‌ରେ ଗଢ଼ା। ଶୁକ୍ର ପରେ ଏହା ରାତି ଆକାଶର ଦ୍ୱିତୀୟ ଉଜ୍ଜ୍ୱଳତମ ଗ୍ରହ। ଖାଲି ଆଖିକୁ ଏହା ବେଶ୍ ତେଜୋଦୀପ୍ତ ଜଣାପଡ଼େ। ମାତ୍ର ଦୂରବୀକ୍ଷଣର ଦୃଶ୍ୟରେ ଏହା ଚାରିପଟେ ଚାରୋଟି ଛୋଟ ଆଲୋକବିନ୍ଦୁ ଘେରି ରହିଥିବାର ଦେଖାଯାଏ। ସେଗୁଡ଼ିକ ସମସ୍ତେ ବୃହସ୍ପତିର ବିଷୁବରେଖା ତଳେ ଏକ ସରଳରେଖାରେ ଅବସ୍ଥାନ କରିଥିବାର ଦେଖାଯାଏ। କିଛିଦିନ ଛାଡି ଲକ୍ଷ୍ୟକଲେ, ଗ୍ରହ ଚାରିପଟେ ସେମାନଙ୍କ ଅବସ୍ଥାନ ପରିବର୍ତ୍ତିତ ହେଉଥିବାର ଦେଖାଯାଏ। କେବେ କେବେ ବୃହସ୍ପତିର ବାମପଟେ ଦୁଇଟି ଓ ଡାହାଣପଟେ ଦୁଇଟି ତ ଆଉ କେବେ ଗୋଟିଏ ପଟେ ତିନୋଟି ଏବଂ ଅନ୍ୟ ପଟେ ଗୋଟିଏ ଧାଡ଼ି ହୋଇ ରହିଥିବାର ଦେଖାଯାଏ। ପୁଣି କେବେ କେବେ ଚାରୋଟିରୁ କମ୍ ଅର୍ଥାତ୍ କେବଳ ଦୁଇଟି କିମ୍ବା ତିନୋଟି ଆଲୋକବିନ୍ଦୁ ହିଁ ଦେଖିବାକୁ ମିଳେ। ପ୍ରକୃତରେ, ଏହି ଆଲୋକବିନ୍ଦୁ ସବୁ ହେଉଛନ୍ତି ବୃହସ୍ପତିର ଚାରୋଟି ବଡ଼ ଚନ୍ଦ୍ର। ବୃହସ୍ପତିର ଏହି ଚନ୍ଦ୍ରମାନଙ୍କୁ ଇଟାଲିର ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ୧୬୧୦ ଖ୍ରୀଷ୍ଟାବ୍ଦରେ ଆବିଷ୍କାର କରିଥିବାରୁ ଏଗୁଡ଼ିକୁ ସାଧାରଣତଃ 'ଗାଲିଲିଓଙ୍କ ଚନ୍ଦ୍ର' ବୋଲି କୁହାଯାଏ। ଏହି ଚନ୍ଦ୍ରମାନଙ୍କ ନାମ ହେଲା ଆୟୋ (IO), ୟୁରୋପା (EUROPA), କ୍ୟାଲିଷ୍ଟୋ ( CALIS-TO) ଓ ଗ୍ୟାନିମିଡ୍ ( GANYMEDE)। ଏମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ଚନ୍ଦ୍ର ହେଲା ଗ୍ୟାନିମିଡ୍, ଯାହା ମଧ ସମଗ୍ର ସୌରଜଗତର ବୃହତ୍ତମ ଚନ୍ଦ୍ର। ଆୟୋ ଆଗ୍ନେୟଗିରି ପରିପୂର୍ଣ୍ଣ ହୋଇଥିଲାବେଳେ କ୍ୟାଲିଷ୍ଟୋର ପୃଷ୍ଠଦେଶରେ ପୁରାତନ ଗହ୍ୱର ଭଳି ଅନେକ କ୍ଷତଚିହ୍ନର ଦାଗ ଦେଖିବାକୁ ମିଳେ। ମାତ୍ର ଆମ ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଚନ୍ଦ୍ର ହେଲା ୟୁରୋପା: ଏହାର ବରଫାବୃତ୍ତ ଚଟାଣ ତଳେ ତରଳ ଜଳରାଶିର ବିଶାଳ ସମୁଦ୍ର ଥିବାର ଜଣାପଡେ, ଯେଉଁଠି ଆଗାମୀ ଦିନରେ ପୃଥିବୀ ଭଳି କିଛି ଜୀବସତ୍ତା ବିକଶିତ ହେବାର ସମ୍ଭାବନା ଥିବାର ଅନୁମାନ କରାଯାଏ। ଏହି ଚନ୍ଦ୍ରଗୁଡ଼ିକ ବୃହସ୍ପତି ଚାରିପଟେ ଘୁରୁଥିବାରୁ ଦୂରବୀକ୍ଷଣରେ ଏଗୁଡ଼ିକର ସମୟାନୁସାରେ ପରିବର୍ତ୍ତନଶୀଳ ଅବସ୍ଥାନ ଦେଖିବାକୁ ମିଳେ।





## ଅନନ୍ୟ ଅବୟବଯୁକ୍ତ ଗ୍ରହ ଶନି

ସନ୍ଧ୍ୟାକାଶରେ ବୃହସ୍ପତି ଓ ଶୁକ୍ର ମଧ୍ୟରେ ଈଷତ ହଳଦୀ ରଙ୍ଗର ଅପେକ୍ଷାକୃତ କମ୍ ଉଜ୍ଜ୍ୱଳ ଏକ ଜ୍ୟୋତିଷ୍କ ଖାଲି ଆଖିରେ ଦେଖିବାକୁ ମିଳେ। ଏହା ପ୍ରକୃତରେ ଶନି ଗ୍ରହ। ମାତ୍ର ଦୂରବୀକ୍ଷଣରେ ଏହାର ଅଧିକ ଅବୟବ ଯଥା ବଳୟ ରହିଥିବାର ଦେଖାଯାଏ। ବଳୟଟି ଗ୍ରହକୁ ତୀର୍ଯ୍ୟକ ଭାବେ ଘେରି ରହିଥାଏ। ଏହି ବଳୟ ଅତି ପତଳା ଏବଂ ମୋଟେଇ ମାତ୍ର ୧ କିଲୋମିଟର। ବଳୟଟି ଏକ ଅବିଚ୍ଛିନ୍ନ ପିଣ୍ଡ ନୁହେଁ, ବରଂ ଏହା ଯଥେଷ୍ଟ ଦୂରତାରେ ଛାଡି ଛାଡି ରହିଥିବା ଅନେକ ଛୋଟବଡ ବରଫ ଓ ପଥର ଖଣ୍ଡରେ ଗଢ଼ା। ଗାଲିଲିଓ ସର୍ବପ୍ରଥମେ ଏହି ବଳୟକୁ ଦୂରବୀକ୍ଷଣରେ ଲକ୍ଷ୍ୟ କରିଥିଲେ ସୁଦ୍ଧା ଏହାର ପ୍ରକୃତ ସ୍ୱରୂପ ବୁଝିପାରି ନ ଥିଲେ। ଏହା ତାଙ୍କୁ ଗ୍ରହ ଉପରେ ଏକ କଳା ଗାର ସଦୃଶ ପ୍ରତୀୟମାନ ହୋଇଥିଲା। ପରବର୍ତ୍ତୀ ସମୟରେ, ହଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ଖ୍ରିଷ୍ଟିୟାନ ହାଇଜେନ୍ସ ୧୬୫୫ ଖ୍ରୀଷ୍ଟାବ୍ଦରେ ଶନି ଗ୍ରହକୁ ନିଜ ଦୂରବୀକ୍ଷଣରେ ଲକ୍ଷ୍ୟ କରି ଗ୍ରହ ଚାରିପଟେ ବେଢ଼ିଥିବା ଏହି ବଳୟ ରୂପେ ଠିକ ଚିହ୍ନଟ କରିଥିଲେ।


-ଏଜୁକେଶନ୍ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ : ୮୦୧୮୭୦୮୮୫୮



୧



୨



୩



୪




୫



୬




୭



୮



୯



୧୦



୧

**ଅନନ୍ୟା ରୁପାଲୀ ତ୍ରିପାଠୀ**

କ୍ଲାସ-୭, ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି



୨

**ଶୁଭମ୍ ପ୍ରସାଦ ସ୍ୱାଇଁ**

କ୍ଲାସ-୩, ଓଡିଏମ୍ ପବ୍ଲିକ ସ୍କୁଲ, ବିଡିଏ, ଭୁବନେଶ୍ୱର



୩

**ଶୁଭସ୍ମିତା ପାତ୍ର**

କ୍ଲାସ୍-୯,ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୁରୀ



୪

**ଅଭିଷେକ ପ୍ରଧାନ**

କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରଦା, କଟକ



୫

**ରୁପାଲୀ ସାହୁ**

କ୍ଲାସ-୮,ଓଡିଶା ଆଦର୍ଶ ବିଦ୍ୟାଳୟ, ବାଙ୍କୀ, କଟକ



୬

**ଆଦ୍ୟା ମହାପାତ୍ର**

କ୍ଲାସ- ୪, ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲ, ଭୁବନେଶ୍ୱର



୭

**ସାଇଶ୍ୱରୀ ଦାସ**

କ୍ଲାସ-୪, ଏମ୍ଏଲଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁଲଖପାଟଣା,ଯାଜପୁର



୮

**ନମିତା ମହାରଣା**

କ୍ଲାସ-୬,ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବିଜିପୁର, ନୟାଗଡ



୯

**ଅଖ୍ୟଧା ମିଶ୍ର**

କ୍ଲାସ- ୭, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର



୧୦

**ଶେଖ୍ ମହମ୍ମଦ ଅର୍ଶଦ**

କ୍ଲାସ- ୧, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୬, ପୋଖରୀପୁଟ, ଭୁବନେଶ୍ୱର

## ମାର୍ଗଶିର ମାସ

ମାର୍ଗଶିର ମାସ କ୍ଷେତ ହସ ହସ,
ପାଚିଲା ଧାନ ଦେଖି ଚାଷୀ ହରଷ।
ହାତେ ଦା' ଧରି କାଟଇ ଧାନ,
କୃଷକର ଆସିଲା ଖୁସିର ଦିନ।
ନାନା ପରିବାକୁ ଫଳାଏ ଶୀତ,
ଭରପୁର ଦିଶେ ବଗିଚା କ୍ଷେତ।
ସକାଳୁ କାକର ବହୁତ ପଡେ,
ମାର୍ଗଶିର ଶୀତ ଦେହକୁ ଡାଡେ।
ନାନା ଜାତି ଫୁଲେ ବଗିଚା ହସେ,
ଗେଣ୍ଡୁ, ମାଳତୀରେ ଜଗତ ବାସେ।
ମାଣବସା ଓଷା ଏ ସମୟେ ଆସେ,
ଝୋଟି ଚିତାରେ ଘର ସୁନ୍ଦର ଦିଶେ।
ଘରେ ମା' ଲକ୍ଷ୍ମୀଙ୍କ ହୁଅଇ ପୂଜା,
ଗେଣ୍ଡୁ ଫୁଲରେ ଘର ହୁଅଇ ସଜା।
ପୂଜା ପାଇଁ ମାଆ ବଡିଭୋରୁ ଜାଗେ,
ମଣ୍ଡାପିଠା ଖିରୀ ଭୋଗରେ ଲାଗେ।
ଝୋଟି ପାଣି ଯେବେ ଖଳାରେ ପଡେ,
ଚାଷୀ ଭାଇ ମନ ଖୁସିରେ ଉଡେ।
ଓଡ଼ିଶାରେ ଯେବେ ଆସେ ପରବ,
ଝୋଟି ଚିତା ଆମ ଗର୍ବ ଗୌରବ।
**–ମନସ୍ୱିନୀ ସାହୁ**, କ୍ଲାସ–୧୧, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



## କ ବି ତା

## ଋତୁ ମଧ୍ୟେ ସାର

ଶୀତୁଆ ସକାଳ କି ମନୋହର
କୁହୁଡ଼ି ଚାଦରେ କେଡ଼େ ସୁନ୍ଦର !
ଘାସ ଗାଲିଚାରେ କାକର ଚିତା
ପ୍ରକୃତି ବୁଣିଛି ଛୋଟ ମୁକୁତା !
ପଉଷ ମାସରେ ଧାନ ପାଚଇ
ହାତେ ଦା' ଧରି ଚାଷୀ କାଟଇ।
ନାନା ଓଷାପର୍ବ ମାର୍ଗଶିରରେ
ଗୁରୁବାର ମାଣବସା ଆଦିରେ।
ବଣଭୋଜି ପାଇଁ ଋତୁଟି ଶ୍ରେଷ୍ଠ
ଆନନ୍ଦେ କରନ୍ତି ପିଲାଠୁ ଜ୍ୟେଷ୍ଠ।
**– ପୁଷ୍ପଲତା ମହାନ୍ତି**, ୭୧/ଏ, କଳ୍ପନା ସ୍କୋୟାର, ଭୁବନେଶ୍ୱର



## ଗେଣ୍ଡୁଫୁଲ

ଗେଣ୍ଡୁଫୁଲ ଲୋ ଗେଣ୍ଡୁଫୁଲ
ଶୀତ ଆସିଲେ ତୁ ଫୁଟିଲେ
ହସି ଉଠଇ ତିନି ପୁର।
ବାଡ଼ି ବଗିଚାରେ ଖୁସି ବରଷୁ
କଅଁଳ ପାଖୁଡ଼ା ମେଲି ତୁ ହସୁ
ସବୁଠୁ ସୁନ୍ଦର ତୁ'ଲୋ ଦିଶୁ।
ହଳଦୀ ମାଖି ସୁନା ଦେହଟି
ହୀରା କାକରେ ଭିଜା ଦେହଟି
ମନ ଟାଣି ନିଏ ତୋ କଡ଼ିକି।
ଗେଣ୍ଡୁଫୁଲ ଲୋ ଗେଣ୍ଡୁଫୁଲ
ହେବନି କିଏଲୋ ତୋହରି ତୁଲ
ତୋହରି ମୂଲ ଅମୂଲ ମୂଲ।
**–ଅକ୍ଷୟ ପଣ୍ଡା**, ଆଳି, କେନ୍ଦ୍ରାପଡା

## ଏଥର ର

- ଟ୍ୟୁବ୍ ଲାଇଟ୍ କିଏ ଉଦ୍ଭାବନ କରିଥିଲେ ?
- ସୌରମଣ୍ଡଳର ଲାଲ୍ ଗ୍ରହ କାହାକୁ କୁହନ୍ତି ?
- ଟେଲିଫୋନର ଉଦ୍ଭାବକ କିଏ ?
- ପୃଥିବୀର ସବୁଠାରୁ ଡେଙ୍ଗା ପ୍ରାଣୀ କିଏ ?
- ଏ.ପି.ଜେ. ଅବଦୁଲ କଲାମଙ୍କ ସମ୍ପୂର୍ଣ୍ଣ ନାମ ?

## କହିଲ ଦେଖି



ସବୁଠୁ ସୁନ୍ଦର ପକ୍ଷୀଟେ ସେହି
ସଭିଙ୍କ ମନକୁ ନିଏ ଚୋରେଇ,
କଳାମେଘ ଦେଖି ହୁଏ ବିଭୋର
ନାଚ କରୁଥାଏ କେଡେ ସୁନ୍ଦର,
କି ସୁନ୍ଦର ସିଏ ସଜେଇ ହୁଏ
ନାମଟି ତାହାର କହିବ କିଏ ?
**ଉତ୍ତର : ମୟୂର**



କଳା ମୁରୁମୁରୁ ଘାସର ବଣେ
ଗୋଟିଏ ରହିଲେ ଜନ୍ମାଏ ପଣେ
ରହିଥିଲେ କରେ ବଂଶ ବିସ୍ତାର
ଜମି ମାଲିକକୁ ନାହିଁ ଜମା ନିସ୍ତାର
ଆଣୁଥାନ୍ତି ତାକୁ ଟିପରେ ଧରି
ଦେଉଥାନ୍ତି ପୁଣି ନଖରେ ମାରି
ଯିଏ ସେ ପାରିବ ନାମ ତା କହି
ସୁନାପିଲା ନିଶ୍ଚେ ହୋଇବ ସେହି।
**ଉତ୍ତର : ଉକୁଣୀ**



ଭାରି ମୂଲ୍ୟବାନ ମାଛଟେ ସେହି
ଶରୀର ଭିତରେ କଣ୍ଟାଟେ ନାହିଁ
ଦେହରେ ନାହିଁ ଜମା ରକତ
ଖାଇଦେଲେ ତାକୁ ମିଳେ ତାକତ।
ଉତ୍ତର : **ଚିଙ୍ଗୁଡି**


**–ପ୍ରଶାନ୍ତ କୁମାର ନାଥ**, ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର


## ତୁମ ପଢ଼ିବା ପାଇଁ




ତ୍ରୈମାସିକ ଶିଶୁ–କିଶୋର ପତ୍ରିକା "ଶୁଆ–ଶାରୀ"ରେ ରହିଛି କେତେକ ଶିକ୍ଷଣୀୟ ଗପ ଓ କବିତା। ଏଥିରେ ସ୍ଥାନିତ ଅଭିଥି ଦେବୋ ଭବ, ଆମ ମା ପୃଥିବୀ, ରାଜକୁମାରଙ୍କ ଯୋଜନା, ଉପକାରର ଫଳ ମଧୁର, ମା' ମହାମୟୀ, ବୁଢ଼ା କୁକୁର, ସମୟ ଆଦି ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ସମୀର କୁମାର ପାଢ଼ୀଙ୍କ ଦ୍ୱାରା ସମ୍ପାଦିତ ଏହି ପୁସ୍ତକର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ: ଶୁଆ–ଶାରୀ କାର୍ଯ୍ୟାଳୟ, କ୍ୱାର୍ଟର ନଂ–ବି/୧୧୭, ଟେନସା, ସୁନ୍ଦରଗଡ଼

## ଗିନିଜ୍ ୱାର୍ଲ୍ଡ ରେକର୍ଡ




## ହାତରେ ଚାଲିଲେ ୨୦ ମିଟର

ପିଲାମାନେ ମନୋବଳ ଦୃଢ଼ ରହିଲେ ସବୁ କାମରେ ସଫଳତା ମିଳିଥାଏ। ଏ କଥାକୁ ପ୍ରମାଣ କରି ଦେଖାଇଛନ୍ତି ନିକଟରେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଥିବା ଆମେରିକୀୟ ପାରା(ଦିବ୍ୟାଙ୍ଗ)ଆଥଲେଟ୍ ଜିୟୋନ୍ କ୍ଲାର୍କ। ମାତ୍ର ୪ମିନିଟ୍ ୭୮ ସେକେଣ୍ଡରେ ୨୦ ମିଟର ଦୂରତାକୁ ହାତରେ ଚାଲି ସେ ଏହି ରେକର୍ଡ କରି ପାରିଛନ୍ତି। କ୍ଲାର୍କଙ୍କର ଜନ୍ମରୁ ଦୁଇଟି ଗୋଡ଼ ନ ଥିଲା। କିନ୍ତୁ ନିଜ ଶାରୀରିକ ଦୁର୍ବଳତାକୁ ନେଇ ସେ କେବେ ନିରାଶ ହୋଇ ନ ଥିଲେ। ବରଂ ନିଜ ମନୋବଳ ଦୃଢ଼ କରି ସେ ମଲ୍ଲଯୋଦ୍ଧାଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛନ୍ତି। ଏବେ ସେ ତାଙ୍କର ଦୁଇ ହାତରେ ଦ୍ରୁତ ଗତିରେ ୨୦ ମିଟର ଚାଲି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇ ପାରିଛନ୍ତି। ତାଙ୍କର ଏତାଦୃଶ କାର୍ଯ୍ୟ ଅନ୍ୟମାନଙ୍କୁ ନିଜ ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ପ୍ରେରଣା ଯୋଗାଇପାରିବ।

# ଜଣା ଅଜଣା




**ହା**ତୀମାନଙ୍କର ଦିନର ଅଧିକାଂଶ ସମୟ କେବଳ ଖାଇବାରେ ହିଁ କଟିଥାଏ । ଏମାନେ ଦିନକୁ ପ୍ରାୟ ୧୬ଘଣ୍ଟା ସମୟ କେବଳ ନିଜ ଖାଦ୍ୟ ଖାଇବାରେ ବିତାନ୍ତି ।



**କୁ**ମ୍ଭୀରଙ୍କ ଦେହରୁ କେବେହେଲେ ଝାଳ ବୁହେ ନାହିଁ । ନିଜକୁ ଥଣ୍ଡା ରଖିବା ପାଇଁ ଏମାନେ ପାଟିକୁ ଖୋଲା ରଖନ୍ତି ।

**ଅ**କ୍ଟୋପସ୍‌ଙ୍କର ୩ଟି ହାର୍ଟ, ୯ଟି ବ୍ରେନ୍ ରହିଛି । ସେମାନଙ୍କ ରକ୍ତର ରଙ୍ଗ  ନୀଳ (ବ୍ଲୁ) ହୋଇଥାଏ ।



**ଆ**ମେ ନାକ ଦ୍ୱାରା ବାସ୍ନା ବାରିପାରୁ । ହେଲେ ଜାଣିଛ, ନାକ ପ୍ରାୟ ୩ ଟ୍ରିଲିୟନ୍ ପ୍ରକାରର ବାସ୍ନା ବାରିପାରେ ।



**ଆ**କାର ଅନୁସାରେ ପିମ୍ପୁଡ଼ି ସବୁଠାରୁ ଶକ୍ତିଶାଳୀ ଜୀବ । କାରଣ ସେମାନେ ନିଜ ଓଜନଠାରୁ ପ୍ରାୟ ୫୦ଗୁଣ ଅଧିକ ଓଜନର ଜିନିଷ ବୋହିନେଇ ପାରନ୍ତି ।



# ଆଇନା

ଶ୍ରେୟାଲକ୍ଷ୍ମୀ
(୫ ବର୍ଷ)



ପୁପୁନ୍, କଣ୍ଢେଇ
(୧୨-୧୪ ବର୍ଷ)





ଅୟାଂଶ
(୫ ବର୍ଷ)